# REGIONAL NEWS UNIT, AIR CUTTACK

## Morning Bulletin (10.12 AM)

**15 August – 2025**

## ସ୍ୱାଧୀନତା ଦିବସ - ପ୍ରଧାନମନ୍ତ୍ରୀ

ଦେଶ ଆଜି ୭୯ତମ ସ୍ୱାଧୀନତା ଦିବସ ପାଳନ କରୁଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀର ଐତିହାସିକ ଲାଲ୍‌କିଲ୍ଲାର ପ୍ରାଚୀରରୁ ଜାତୀୟ ପତାକା ଉତ୍ତୋଳନ କରିବା ସହ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଆତ୍ମନିର୍ଭର ଭାରତ ବିକଶିତ ଭାରତର ମୂଳଦୁଆ । ଆତ୍ମନିର୍ଭର ଭାରତ ଯୋଗୁଁ ଦେଶ ସନ୍ତ୍ରାସବାଦ ବିରୁଦ୍ଧରେ ସଂଗ୍ରାମ କରି ଅପରେସନ ସିନ୍ଦୂର ଅଭିଯାନରେ ସଫଳତା ହାସଲ କରିଛି। ଅପରେସନ ସିନ୍ଦୂର ପ୍ରସଙ୍ଗ ଉତ୍‌ଥାପନ କରି ପ୍ରଧାନମନ୍ତ୍ରୀ ଏହି ଅଭିଯାନରେ ସାମିଲ ହୋଇଥିବା ବୀର ଯବାନମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆତ୍ମନିର୍ଭର ଭାରତ ଏବଂ ସ୍ୱଦେଶୀ ସାମଗ୍ରୀ ବ୍ୟବହାର ପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶରେ ଦ୍ରବ୍ୟ ଓ ସେବାକରରେ ସଂସ୍କାର ଅଣାଯିବ । ଏହା ସହ ପ୍ରଧାନମନ୍ତ୍ରୀ ଯୁବ ବର୍ଗଙ୍କ ପାଇଁ ବିକଶିତ ଭାରତ ରୋଜଗାର ଯୋଜନା ଘୋଷଣା କରିଛନ୍ତି । ଏଥିପାଇଁ ଏକଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ । ଆଜିଠାରୁ ପ୍ରଧାନମନ୍ତ୍ରୀ କୃଷି ଧନଧାନ୍ୟ ଯୋଜନା ମଧ୍ୟ ଆରମ୍ଭ ହୋଇଛି ।

**V/O**

## ସ୍ୱାଧୀନତା ଦିବସ-ରାଜ୍ୟପାଳ

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ସ୍ୱାଧୀନତା ଦିବସ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡିଶାକୁ ଏକ ବିକଶିତ ଏବଂ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ମିଳିମିଶି କାର୍ଯ୍ୟ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି ।

## ରାଜ୍ୟସ୍ତରୀୟ ସମାରୋହ- ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି । ଏହି ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ ପରେଡ୍‌ରେ ସେ ଅଭିବାଦନ ଗ୍ରହଣ କରିବା ସହିତ ରାଜ୍ୟବାସୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ବିକାଶ ପାଇଁ  ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି। ଓଡ଼ିଶା ବର୍ତ୍ତମାନ  ପରିବର୍ତ୍ତନ ପଥରେ ଯାତ୍ରା ଆରମ୍ଭ କରିଛି। ଆଜିର ଦିନ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରତିକାତ୍ମକ ଉତ୍ସବ ନୁହେଁ ବରଂ  ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ପ୍ରତିମୁହୂର୍ତ୍ତ ଚେତାଇଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ୧୮୧୭ ମସିହା ପାଇକ ବିଦ୍ରୋହ  ଓ ବକ୍ସି ଜଗବନ୍ଧୁଙ୍କୁ ସ୍ମରଣ କରି ମୁଖ୍ୟମନ୍ତ୍ରୀ କହିଛନ୍ତି:

**V/O**

ଏହି ଅବସରରେ ଶ୍ରୀ ମାଝୀ ଦେଶର ଶାନ୍ତି ଓ ସୁରକ୍ଷା ପାଇଁ ବଳିଦାନ ଦେଇଥିବା ବୀର ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ସ୍ୱାଧୀନତା ଦିବସ ପାଳନ କରାଯାଇଛି ।

# ପ୍ରେସ୍ ଆଡ୍ରେସ୍

ଭାରତ ଏକ ଆତ୍ମନିର୍ଭରଶୀଳ ରାଷ୍ଟ୍ର ହେବା ଦିଗରେ ଅଗ୍ରସର ହେଉଛି । ୨୦୪୭ ମସିହା ସୁଦ୍ଧା ଦେଶ ବିକଶିତ ରାଷ୍ଟ୍ର ହେବା ନେଇ ଆତ୍ମବିଶ୍ୱାସର ସହ ଆଗେଇ ଚାଲିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ସ୍ୱାଧୀନତାର ଦିବସର ଅବ୍ୟବହିତ ପୂର୍ବରୁ ଗତକାଲି ଦେଶବାସୀଙ୍କୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ଗତ ୭୮ବର୍ଷ ମଧ୍ୟରେ ଦେଶ ସମସ୍ତ କ୍ଷେତ୍ରରେ ଅସାଧାରଣ ଉନ୍ନତି କରିଛି । ସୁଶାସନ ଓ ଜନକଲ୍ୟାଣକାରୀ ଯୋଜନା ବଳରେ ବହୁ ସଂଖ୍ୟାରେ ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି ।

# ଦିବ୍ୟାଙ୍ଗ-ଉପମୁଖ୍ୟମନ୍ତ୍ରୀ

ରାଜ୍ୟର ସମସ୍ତ ପର୍ଯ୍ୟଟନସ୍ଥଳୀ ଦିବ୍ୟାଙ୍ଗ ମାନଙ୍କ ପାଇଁ ଅନୁକୂଳ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି । ଭୁବନେଶ୍ୱର ମିଶନଶକ୍ତି ଭବନଠାରେ ଦିବ୍ୟାଙ୍ଗ ମହିଳାଙ୍କ ସହ ଭାବ ବିନିମୟ କରି ଉପ ମୁଖ୍ୟମନ୍ତ୍ରୀ ସେମାନଙ୍କ ପାଇଁ ରାଜ୍ୟସ୍ତରୀୟ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ଲାଗି ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

## ଶ୍ରୀକୃଷ୍ଣ ଜନ୍ମୋତ୍ସବ

ଶ୍ରଦ୍ଧା ଓ ଭକ୍ତିର ସହ ଆଜି ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ଜନ୍ମାଷ୍ଟମୀ ପର୍ବ ପାଳନ କରାଯାଉଛି । ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଭଗବାନ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ। ଏଥିପାଇଁ ମନ୍ଦିରଗୁଡିକରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି ।

ପୁରୀ ଶ୍ରୀମନ୍ଦିରରେ ଆଜି ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ପାଳନ କରାଯାଉଛି । ଶ୍ରୀମନ୍ଦିରରେ ସନ୍ଧ୍ୟା ଧୂପ ଶେଷ ହେବା ପରେ ଜନ୍ମନୀତି ବିଧି ଅନୁଷ୍ଠିତ ହେବ । ଗତକାଲି ପ୍ରସବ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଜେଉଟ ଭୋଗ ସହ ଗର୍ଭ ଉଦକ ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥିଲା । ପରମ୍ପରା ଅନୁସାରେ ଶ୍ରୀମନ୍ଦିରରେ ଠାକୁରଙ୍କୁ ଛଅ ମୂର୍ତ୍ତି ଅଳଙ୍କାର ଲାଗି କରାଯିବ। ଶ୍ରୀମନ୍ଦିରରେ ଜନ୍ମନୀତି ପାଳିତ ହେବା ସହିତ ନବମୀ ଦିନ ନନ୍ଦୋତ୍ସବ ଏବଂ ଦଶମୀଠାରୁ ବିଭିନ୍ନ କୃଷ୍ଣ ଲୀଳାତ୍ମକ ବେଶ ହୋଇଥାଏ । ଆପତତଃ ସନ୍ଧ୍ୟା ୭ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ଜନ୍ମନୀତି କାର୍ଯ୍ୟ ନିମନ୍ତେ ଆଜି ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ଦୂରଦର୍ଶନ-ସମ୍ବଲପୁରୀ ଭାଷା

ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ଆଞ୍ଚଳିକ ସମ୍ବାଦ ବିଭାଗ ପକ୍ଷରୁ ଆଜିଠାରୁ ସମ୍ବଲପୁରୀ ଭାଷାରେ ଆଞ୍ଚଳିକ ସମ୍ବାଦର ପ୍ରସାରଣ ଆରମ୍ଭ ହେଉଛି । ଆଜି ପୂର୍ବାହ୍ନ ୧୧ଟାରେ ଡିଡି ଓଡିଆରେ ଏହି ସମ୍ବାଦ ପ୍ରସାରଣ ହେବ ।